## ମେଡିସିନ୍ ଷ୍ଟୋର ମାଲିକଙ୍କୁ ଆକ୍ରମଣ

**ନନ୍ଦାହାଣ୍ଡି,(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ବି. ମାଲିଗୁଡା ଗ୍ରାମରେ ଥିବା ମେଡିସିନ୍ ଷ୍ଟୋର ମାଲିକ କାହ୍ନୁ ଦାଶଙ୍କୁ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏହି ଘଟଣା ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। କାହ୍ନୁ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ୧୩୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣର କାରଣ ଏଯାଏ ଜଣାପଡି ନାହିଁ। ଆକ୍ରମଣକାରୀଙ୍କୁ ଅତିଶୀଘ୍ର ଧରାଯିବ ବୋଲି ନବରଙ୍ଗପୁର ପୋଲିସ କହିଛି।

**ସଂକ୍ଷେପରେ**

### ଜନଜାତି ଆଇନ ସମ୍ପର୍କରେ ସଚେତନ ହେଲେ ଗ୍ରାମବାସୀ

**ଦଶମନ୍ତପୁର, ୨୪।୩(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଅଧୀନ ବୋନାସିଲ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଦଶମନ୍ତପୁର ତାଲୁକା ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଚାରପତି ବିବେକ ସାସମଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ, ଥାନାଧିକାରୀ ବିଜୟରାଜ ମାଝି, ସାମାଜିକ କର୍ମୀ ନିମନ ଚନ୍ଦ୍ର ଖରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପଛୁଆ ବର୍ଗ ଓ ଆଦିବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ନ୍ୟାୟାଳୟର ସମସ୍ତ କର୍ମଚାରୀ ଏବଂ ବୋନାସିଲ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଜେଲରେ ବିଶ୍ୱ ଯକ୍ଷ୍ମା ଦିବସ

**ଜୟପୁର, ୨୪।୩ (ନି.ପ୍ର.):** ଜୟପୁର ଉପକାରାଗାରରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି। କାଯ୍ୟକ୍ରମରେ ଅନ୍ତେବାସୀଙ୍କୁ ଯକ୍ଷ୍ମାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ବର୍ତ୍ତମାନ ଜୟପୁର ଉପକାରାଗାର ଯକ୍ଷ୍ମା ମୁକ୍ତ ଅଛି। କାର୍ଯ୍ୟକ୍ରମରେ ଜେଲ୍ ଅଧିକ୍ଷକ ଲଲାଟେନ୍ଦୁ ଭୁଷଣ ଦାସ, ପ୍ରମୋଦ କୁମାର ମହାନ୍ତି, ସୋରଜ କୁମାର ସ୍ୱାଇଁ, ଫର୍ମାଶିଷ୍ଟ ଏ. ରାମା ରାଓ ଉପସ୍ଥିତ ଥିଲେ। ସହକାରୀ ସବ୍ ଜେଲର ଏସ୍. ତାପି କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

### ଅନ୍ତେବାସୀଙ୍କୁ ମିଳିଲା ନୂତନ କାମ

**ଜୟପୁର, ୨୪।୩ (ନି.ପ୍ର.):** ଜୟପୁର ଉପକାରାଗାର ଅନ୍ତେବାସୀଙ୍କୁ ଓଆର୍ଏମ୍ଏସ୍ ପକ୍ଷରୁ ତେନ୍ତୁଳି ମଞ୍ଜି ଛଡାଇବା କାମ ଯୋଗାଇ ଦିଆଯାଇଛି। ତେନ୍ତୁଳି ଛଡାଇବା ବାବଦକୁ କିଲୋ ପିଛା ୨ଟଙ୍କା ଓ ପ୍ରଶାସନିକ ଖର୍ଚ୍ଚ କିଲୋ ପିଛା ୧ ଟଙ୍କା ୫୦ ପଇସା ମିଳିବ। ଯାହାକି ରାଜ୍ୟ ସରକାରଙ୍କୁ ରାଜସ୍ୱ ହିସାବରେ ପୈଠ କରାଯିବ ବୋଲି ଜେଲ ଅଧିକ୍ଷକ ଲଲାଟେନ୍ଦୁ ଭୁଷଣ ଦାସ ସୂଚନା ଦେଇଛନ୍ତି। ଏହାଦ୍ୱାରା ଅନ୍ତେବାସୀ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଜେଲ ଅଧିକ୍ଷକ କହିଛନ୍ତି।

### ୫ ଲକ୍ଷର ଗଞ୍ଜେଇ ଜବତ

**ଜୟପୁର, ୨୪।୩ (ନି.ପ୍ର.):** ଚାଲାଣ ବେଳେ ଜୟପୁର ସଦର ପୋଲିସ ଏକ କଣ୍ଟେନରରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ପୋଲିସ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ସଞ୍ଜୟ କୁମାର (୪୦), ବିକାଶ ବାବୁ (୨୧)। ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ଏକ କଣ୍ଟେନର (ୟୁପି-୭୮ଏଫ୍ଏନ -୭୪୩୧)ରେ ଉତ୍ତର ପ୍ରଦେଶର କାନପୁରକୁ ଗଞ୍ଜେଇ ନେଇଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ଜୟପୁର ସଦର ପୋଲିସ ବୋରିଗୁମ୍ମା ଜାତୀୟ ରାଜପଥ ୨୬ର ଉମୁରି ନିକଟରେ କଣ୍ଟେନରକୁ ଅଟକାଇ ଯାଞ୍ଚ କରିଥିଲା। ୨୯୦ଟି କାଜୁ ଚୋପା ପ୍ୟାକେଟ ଭିତରେ ୫୦ କେଜି ଗଞ୍ଜେଇ ପୋଲିସକୁ ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। କଣ୍ଟେନର ସହ ଗିରଫ ଅଭିଯୁକ୍ତଙ୍କଠାରୁ ୯ହଜାର ୧ଶହ ଟଙ୍କା, ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ୪୬/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି।

### ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କଲେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

ଅପରେଶନ ସମୟରେ ଛୁଞ୍ଚ ଭାଙ୍ଗି ରହିଯିବା ଘଟଣା

**କୋରାପୁଟ,୨୪।୩,(ସ୍ୱ.ପ୍ର.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ପରଟା ଗ୍ରାମର ସବିତା ମାଝିଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ସମୟରେ ଛୁଞ୍ଚ ଭାଙ୍ଗି ତାହା ଭିତରେ ରହିଯିବା ଘଟଣା ଏବେ ଆଲୋଚନାର ବିଷୟ ହେଇଛି। ଖବରପାଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁର୍ବରାଜ ମୁର୍ମୁ ପରଟା ଗ୍ରାମକୁ ଯାଇ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ବର୍ତ୍ତମାନ ସେ ସୁସ୍ଥ ଥିବା ଡାକ୍ତର ମୁର୍ମୁ କହିଛନ୍ତି। କୌଣସି ସମସ୍ୟା ହେଲେ ସଙ୍ଗେ ସଙ୍ଗେ ଆଶା ଓ ଅଙ୍ଗନବାଡି କର୍ମୀ, ଏଏନଏମ୍ କିମ୍ବା ଗ୍ରାମର ୱାର୍ଡ ସଭ୍ୟଙ୍କ ଜରିଆରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅବଗତ କରାଇବାକୁ ସେ ସବିତାଙ୍କ ପରିବାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

# ଔଷଧୀୟ ଗଛକୁ ନିଆଁ ଦାଉରୁ ରକ୍ଷା କରିବାକୁ ଆହ୍ୱାନ

**ଜୟପୁର ୨୪।୩ (ନି.ପ୍ର.)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

- ବନାଗ୍ନି ସଚେତନତା କାଯ୍ୟକ୍ରମ
- ଜୟପୁର ବନଖଣ୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ
- ୬ ଭିଏସଏସ ପୁରସ୍କୃତ

ଜୟପୁର ବନଖଣ୍ଡ ଦ୍ୱାରା ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ ଓ ବନାଗ୍ନି ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ବନାଞ୍ଚଳ ଅଫିସ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟପୁର, ବୋରିଗୁମ୍ମା ଓ କୁନ୍ଦୁରା ବନାଞ୍ଚଳ ଅଧିକାରୀ, ବନ କର୍ମଚାରି ଓ ଭିଏସଏସ୍‌ମାନେ ଉପସ୍ଥିତ ଥିଲେ। ଡିଏଫ୍ଓ ଜେ.ପି ସିଂ ମୁଖ୍ୟ ଅତିଥି, ଏସିଏଫ୍ ହିମାଂଶୁ ପ୍ରଭୁଦତ୍ତ ମିଶ୍ର, ସୁରେଶ ମଲ୍ଲିକ, ତହସିଲଦାର ପ୍ରଧାନ ଗୁଲ୍ଲି ଆମ୍ମା, ବୈଜ୍ଞାନିକ କାର୍ତ୍ତିକ ସ୍ୱର ଲେଙ୍କା, ଫାୟାର ଆଫିସର ଚିତ୍ତରଞ୍ଜନ ସେଠୀ, ଆରଡବ୍ଲ୍ୟୁଏସ କନିଷ୍ଠ ଯନ୍ତ୍ରୀ ରଞ୍ଜିତା ପଣ୍ଡା, ପାଟନର ଏନଜିଓ ମୁଖ୍ୟ ଈଶ୍ୱର ସାବତ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲେ ନିଆଁ ଲାଗିବା କ୍ଷଣି କପରି ଲିଭାଇବା ଓ ପଶୁ ପକ୍ଷୀ ଶୀକାର ନ କରିବା, ଗାଁ ପାଖରେ ଥିବା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ନିଆଁ ଲାଗିବା ଜାଣିପାରିଲେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଔଷଧୀୟ ଗଛକୁ ନିଆଁ ଦାଉରୁ ରକ୍ଷା କରି ମାନବ ଜାତିକୁ ସୁରକ୍ଷା ଦେବାକୁ ଅତିଥି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଥିଲା। ବନ କର୍ମଚାରୀ ଓ ଭିଏସଏସ ମାନେ ତାଲିମ ନେଇଥିଲେ । ବନାଗ୍ନି ଉପରେ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ଜୟପୁର ରେଞ୍ଜର ୧୩ଟି ଭିଏସ୍ଏସ, ବୋରିଗୁମ୍ମା ୧୪, କୁନ୍ଦୁରା ୮ଟି ଭିଏସଏସ ଉପସ୍ଥିତ ଥିଲେ ଗତ ବର୍ଷ ଜଙ୍ଗଲରେ ନିଆଁ ଲାଗି ନ ଥିବା ଓ ନିଆଁ ଲାଗିବା କ୍ଷଣି ଲିଭାଇ ଥିବାରୁ କଞ୍ଚେଇ ମାଳିଗୁଡାର ନିଳଦ୍ଧ୍ୱଜ ମାଳି, ବିନ୍ଧାଣିଗୁଡାର ବଳରାମ ନାୟକ, ଧଉଡାପଦର ଶ୍ୟାମ ସୁନ୍ଦର ମୁଦୁଲି, ଦିସାରିଗୁଡାର ପଦଲାମ ଗୌଡ, ଭୁମିଆଗୁଡାର ନାରାୟଣ ନାୟକ, କାଣ୍ଡୁଲଗୁଡାର ରାମ ସାନ୍ତାଙ୍କୁ ପୁରସ୍କୃତ କରାଯାଇଛି। ଜୟପୁର ବନାଞ୍ଚଳ ଅଧିକାରି ରଶ୍ମୀରଞ୍ଜନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# ରାତି ୮ରୁ ସକାଳ ୬ ନବରଙ୍ଗପୁର ବନ୍ଦ

**ନବରଙ୍ଗପୁର,୨୪।୩(ବି.ପ୍ର.)**

- ୨୫ରୁ ନାଇଟ୍ କର୍ଫ୍ୟୁ
- ଜାରି ହେଲା ହେଲ୍ପ ଲାଇନ ନମ୍ବର

ଏଣିକି ରାତି ୮ରୁ ସକାଳ ୬ଟା ପର୍ଯ୍ୟନ୍ତ ନବରଙ୍ଗପୁର ବନ୍ଦ ରହିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ୨୫ ତାରିଖରୁ ଏହା ଲାଗୁ ହେବ। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ସୂଚନା ଦେଇଛନ୍ତି। ଔଷଧ ଦୋକାନ, ଲ୍ୟାବ, କ୍ଲିନିକ, ପ୍ରାଣୀଧନ ଚିକିତ୍ସାଳୟ, ପେଟ୍ରୋଲ ପମ୍ପ, ଏଲ୍‌ପିଜି ଗ୍ୟାସ, ପୋଟ୍ରାଲିୟମ ଓ ଗ୍ୟାସ ସମ୍ପର୍କିତ ଷ୍ଟୋର ଆଦି ଖୋଲା ରହିବ। ଅନାବଶ୍ୟକ ଅଧିକ ସଂଖ୍ୟକ ଲୋକ ଠିଆ ହେବାକୁ ବାରଣ କରାଯାଇଛି। ସେହିଭଳି ସଭା ସମିତି, କୌଣସି ଧାର୍ମିକ ପର୍ବ, ବିବାହ ଭୋଜି ଆଦି ହୋଇପାରିବ ନାହିଁ । ସେହିଭଳି ବିବାହ ବରଯାତ୍ରୀ, ଅପେରା, ରାଜନୈତିକ ଶୋଭାଯାତ୍ରାକୁ ମଧ ବାରଣ କରାଯାଇଛି। କଲ୍ୟାଣ ମଣ୍ଡପରେ କୌଣସି କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ। ହୋଟେଲଗୁଡିକ ସେନିଟାଇଜରବ୍ୟବହାର କରିବା ସହ କୋଭିଡ୍-୧୯ ନିୟମକୁ ପାଳନ କରିବେ। କୌଣସି ଗୁଜବ ଖବର ଓ ମିଥ୍ୟା ତଥ୍ୟ ସୋସିଆଲ ମିଡିଆରେ ଛାଡି ପାରିବେ ନାହିଁ। ନିୟମକୁ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ହେଲ୍ପ ଲାଇନ ନମ୍ବର ୦୬୮୫୮-୨୨୨୪୫୯, ମୋବାଇଲ ନମ୍ବର ୯୪୩୯୧୯୮୮୪୬୮/ଜିଲା କୋଭିଡ କଣ୍ଟ୍ରୋଲ ରୁମ ନମ୍ବର ୦୬୮୫୮୨୨୨୪୩୪ ଜାରି କରାଯାଇଛି।

# ସୁରକ୍ଷିତ ମାତୃତ୍ୱ ଉପରେ ଉଠୁଛି ପ୍ରଶ୍ନ

**ନବରଙ୍ଗପୁର,୨୪।୩ (ବି.ପ୍ର.)**

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରାଯାଉ ନ ଥିବା ଅଭିଯୋଗ**

ସରକାର ସୁରକ୍ଷିତ ମାତୃତ୍ୱ ପାଇଁ ବ୍ୟାପକ ଅନୁଦାନ ଖର୍ଚ୍ଚ କରୁଛନ୍ତି। ତେବେ ଜିଲା ସଦର ମହକୁମା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ସୁବିଧା ଥାଇ ମଧ ଗର୍ଭବତୀ ମହିଳାମାନେ ଖର୍ଚ୍ଚାନ୍ତ ହୋଇ ପାପଡାହାଣ୍ଡି ନଚେତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଅଲଟ୍ରାସାଉଣ୍ଡ କରାଉଛନ୍ତି। ଏହି ଭଳି ଏକ ଘଟଣା ନବରଙ୍ଗପୁର ଦେଖିବାକୁ ମିଳିଛି।

୧ ତାରତଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଲ୍‌ଟ୍ରାସାଉଣ୍ଡ କରିବାକୁ ଯାଇଥିଲୁ। ଏକ ଘରୋଇ ହସ୍ପିଟାଲକୁ ଯାଇ ଅଲ୍‌ଟ୍ରାସାଉଣ୍ଡ କରିବା ପାଇଁ ଡାକ୍ତର କହିଥିବା ସଦର ବ୍ଲକ ଭତରା ଗାଁର ଗର୍ଭବତୀ ରଦମା ଭତରା(୨୦), ଗୁମ୍ମାଗୁଡାର ଶ୍ରୀମତି ଭତରା(୧୯), ଡୁମରମୁଣ୍ଡା ଗାଁର ନବୀନା ଭତରା(୨୧), ତେନ୍ତୁଳିଗୁଡା ଗାଁର ପରମା ଭତରା(୧୯) କହିଛନ୍ତି। ଆମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ କରାଇଲୁ ବୋଲି ସେମାନେ କହିଛନ୍ତି। ଜିଲା ସଦର ମହକୁମା ହସ୍ପିଟାଲ ୯କିମି ଓ ପାପଡାହାଣ୍ଡି ୧୨ କିମି ଦୂର। ଅଟୋଭଡା ଏତେଦୂର ଯିବା ଆମେ ସୁରକ୍ଷିତ ମଣୁନାହୁଁ ବୋଲି ଗର୍ଭବତୀମାନେ କହିଛନ୍ତି। ଏନେଇ ସିଡିଏମ୍ଓ ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ପଚାରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟପ୍ରତି ସପ୍ତାହର ବୁଧବାର ଓ ଶୁକ୍ରବାର ଅଲଟ୍ରାସାଉଣ୍ଡ କରାଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଏହି ଦିନ ବ୍ୟତିତ ଅନ୍ୟ ଦିନରେ ରୋଗୀଙ୍କୁ ଅଲ୍‌ଟ୍ରାସାଉଣ୍ଡ ପାଇଁ ପଠାଇବାରୁ ଅସୁବିଧା ହେଉଛି ବୋଲି ସେ କହିଛନ୍ତି। ଏ ନେଇ ଏଡିଏମ୍ଓ(ମେଡିକାଲ)କାହ୍ନୁଚରଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୁଧବାର ୨୨ ଜଣଙ୍କ ଅଲଟ୍ରାସାଉଣ୍ଡ ହୋଇଛି। ଯାହାର କରାଯାଇ ପାରିନାହିଁ ସେମାନଙ୍କୁ ଅନ୍ୟ ଏକ ତାରିଖ ଦିଆଯାଉଛି। ଜରୁରୀ କାଳୀନ ସମୟରେ ଅଟ୍ରାସାଉଣ୍ଡ କରାଯାଉଛି। ମହିଳାଙ୍କ ଅଭିଯୋଗ ନେଇ ସିଡିଏମ୍ଓଙ୍କ ସହ ଆଲୋଚନା କରି ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

### ଆଖୁଖଳାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ପାପଡାହାଣ୍ଡି,୨୪।୩(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାହାଲ ପଞ୍ଚାୟତ ସଦର ଗାଁର ବିପିନ ସିଂ ଦିୱାନଙ୍କ ଆଖୁଖଳାରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ବୁଧବାର ସକାଳୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଆଖୁ ଖଳାକୁ ଭାଲୁ ଆସୁଥିବାରୁ ଭୟରେ ସମସ୍ତେ ମଙ୍ଗଳବାର ରାତିରେ ଘରକୁ ଚାଲି ଆସିଥିଲେ। ସେତେବେଳେ ଖଳାରେ ପ୍ରାୟ ୫ କୁଇଣ୍ଟାଲ ଗୁଡ଼,୨ଟି ବଡ ମୋଟର, ଆଖୁ ପେଡ଼ିବା ଲାଗି ବିଭିନ୍ନ ଆସବାବପତ୍ର ଏକ ଅସ୍ଥାୟୀ କୁଡିଆରେ ଥିଲା। ଉକ୍ତ କୁଡିଆରେ ନିଆଁ ଲାଗି ସବୁ ପୋଡ଼ିଯାଇଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଆଦିବାସୀଙ୍କ ଜୀବନ ଶୈଳୀ ବୁଲି ଦେଖିଲେ



ଅଧିକାରୀମାନେ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ତେନ୍ତୁଳିଖୁଣ୍ଟି, ୨୪।୩(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଦୁର୍ଗମ ଅଞ୍ଚଳ ଲଦୀପଦର ଓ ମେରାକାନିରେ ଚାଲିଥିବା ଉନ୍ନୟନକାର୍ଯ୍ୟ ସହ ସ୍ଥାନୀୟ ଅଧିବାସୀଙ୍କ ଜୀବନ ଶୈଳୀ ବୁଲି ଦେଖିଛନ୍ତି ଗୋପବନ୍ଧୁ ଏକାଡେମୀର ରିସର୍ଚ୍ଚ ଅଫିସର ପଙ୍କଜା ପତି ଓ ବ୍ଲକ ପ୍ରଶାସନର ଅଧିକାରୀ। ଏଥିସହ ପାନୀୟ ଜଳ ବ୍ୟବସ୍ଥାର ସମ୍ପର୍କରେ ସେ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ବନ୍ଧ କାମର ଅଗ୍ରଗତି ସମୀକ୍ଷା କରିଥିଲେ। ବାଉଁଶରୁ ତିଆରି କରୁଥିବା ସାମଗ୍ରୀର ବଜାର ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ। କେବିକେର ଦୁର୍ଗମ ଅଞ୍ଚଳ ପାଇଁ ପୂର୍ବରୁ ଥିବା ସମନ୍ୱିତ କ୍ରିୟାନ୍ୱୟନ ଯୋଜନା ପୁନଃ କାର୍ଯ୍ୟକାରୀ କରିବା ପାଇଁ ସମାଜିକ କର୍ମୀ ଭୀମ ପାଣିଗ୍ରାହୀ ମତ ରଖିଥିଲେ। ଏହି ସମୀକ୍ଷା ଓ ଗସ୍ତ ବେଳେ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପଅଧିକାରୀ ବିନୋଦିନି ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର କ୍ଷୀର, ଗ୍ରାମ ରୋଜଗାର ସେବକ ବେଣୁଧର ପାଢି, କୁନେଶ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଦଶମନ୍ତପୁରରେ ଉନ୍ନୟନ କାମ ସମୀକ୍ଷା କଲେ ଜିଲାପାଳ



ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**କାର୍ଯ୍ୟର ଅଗ୍ରଗତି ଉପରେ ନଜର ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ**

**ଦଶମନ୍ତପୁର, ୨୪।୩(ଡି.ଏନ୍.ଏ.)**

କୋରାପୁଟ ଜିଲାପାଳ ଅବ୍ଦଲ ଅଖ୍ତାର ବୁଧବାର ଦଶମନ୍ତପୁର ବ୍ଲକ ଗସ୍ତ କରିଛନ୍ତି। ସେ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଧାୟକ ପ୍ରତିନିଧି ତଥା ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ, ବିଡିଓ ଡମ୍ବରୁଧର ମଲ୍ଲିକ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିଡିଓଙ୍କ କକ୍ଷରେ ଏକ ବୈଠକ କରାଯାଇଥିଲା। ଏହି ସମୟରେ ତହସିଲଦାର ଅଜୟ ପ୍ରକାଶ ତିର୍କୀ, ସହକାରୀ ଯନ୍ତ୍ରୀ ଦଶରଥୀ ମୁର୍ମୁ, ସିଡିପିଓ ନମିତା ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରୀତମ ଶିଅଲଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଅଧିକାରୀମାନଙ୍କଠାରୁ ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନ କାମର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ମାଗିଥିଲେ। କାମ ସବୁ ଠିକ୍‌ଭାବେ ଚାଲିଛି ନା ନାହିଁ ତାହା ତଦାରଖ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକକୁ ଖବରଦାତାଙ୍କ ପ୍ରବେଶ ନିଷେଦ୍ଧ କରାଯାଇଥିଲା। ଏହାକୁ ନେଇ ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ଶିବିରରେ ୪୩୩ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ନନ୍ଦାହାଣ୍ଡି, ୨୪।୩ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକର ୧୧ ପଞ୍ଚାୟତର ୪୩୩ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ। ଡାକ୍ତର ସଲାମ ମାଲିକ, ଅସୀମା ମଲ୍ଲିକ, ଘନଶ୍ୟାମ ବେହେରା ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର ଦେଇଥିଲେ। ଜିଲାପାଳ ଅଜିତ୍ କୁମାର ମିଶ୍ର ୪୬ଜଣଙ୍କୁ ରୋଜଗାର ପ୍ରମାଣପତ୍ର, ୧୦ ଜଣଙ୍କୁ ବସ୍‌ପାସ, ୧୪ ଜଣଙ୍କୁ ହୁଇଲ୍ ଚେୟାର, ୨ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୀଷା ରଥ ଏବଂ କାର୍ଯ୍ୟକ୍ରମ ସହାୟକ ବିଚିତ୍ର ଶତପଥି ଶିବିର ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧରେ ବିଡିଓ ପ୍ରଫୁଲ୍ଲ କୁମାର କହଁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ସିଡିପିଓ, ତହସିଲଦାର, ବ୍ଲକ ଚେୟାରମାନ ସନ୍ୟାସୀ ସୌରା , ବିଧାୟକ ପ୍ରତିନିଧି ଉପସ୍ଥିତ ଥିଲେ। ବେଳେ ଡଙ୍ଗରଭେଜା ଫାଣ୍ଡି ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।

# ଚାଚେରୀ ଯାତ୍ରାରେ ନଗର ବୁଲିଲେ ମଦନମୋହନ

**ଦାମନଯୋଡ଼ି, ୨୪।୩(ଡି.ଏନ୍.ଏ)**

ପବିତ୍ର ଫଗୁଦଶମୀରୁ ଶ୍ରୀ ମଦନମୋହନଙ୍କ ଚାଚେରୀ ଯାତ୍ରା ଆରମ୍ଭ ହୋଇଛି। ସେକ୍ଟର-୧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ମଦନମୋହନଙ୍କୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇଛି। ୫ ଦିନ ଧରି ଏହା ଅନୁଷ୍ଠିତ ହୁଏ। ଶ୍ରଦ୍ଧାଳୁମାନେ ନିଜ ଘର ସାମ୍ନାକୁ ଲିପାପୋଛା କରି ଠାକୁରଙ୍କ ଠାରେ ପୂଜା, ଭୋଗ କରିଥାନ୍ତି। ପୂଜକ ବିଜୟ କୁମାର ପଣ୍ଡା ଓ ନୀଳାଞ୍ଚଳ ମହାପାତ୍ର ବିମାନ ସହ ଯାଇ ପୂଜା କାର୍ଯ୍ୟ କରିଥିବାବେଳେ ପୂଜକ ଅଜୟ ପଣ୍ଡା, ଅମୀୟ ସାମନ୍ତରାୟ ଓ ପ୍ରଭାତ ରଥ ଏଥିରେ ସହଯୋଗ କରିଥିଲେ। ଗୌଡଗୁଡା ଗ୍ରାମରୁ ଆସିଥିବା ସଦନ ଗୌଡଙ୍କ ସହ ଗୋପାଳ ଭାଇମାନେ ଠାକୁରଙ୍କୁ ନଗର ପରିକ୍ରମା କରାଇଥିଲେ। ଠାକୁର ଗୁରୁବାର ସେକ୍ଟର-୩, ଶୁକ୍ରବାର ମାଥାଲପୁଟ ଓ ଅଁଳାବାଡୀ କଲୋନୀ ଏବଂ ଶନିବାର ଭେଜାପୁଟ ସେକ୍ଟର-୧ ପରିକ୍ରମା କରିବା ପରେ ରାଜାଗ୍ନି ଅନୁଷ୍ଠିତ ହେବ ବୋଲି ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସୁକାନ୍ତ ଦାସ ସୂଚନା ଦେଇଛନ୍ତି। କମିଟି ସଦସ୍ୟ ସୁଶାନ୍ତ କୁମାର ଦାଶ, ବିରଞ୍ଚି ନାରାୟଣ ମହାନ୍ତି, ଅନାମ ନାୟକ, ସଞ୍ଜୟ ସାହୁ, ଖଗେଶ୍ୱର ପାତ୍ର, ଡ. ଅଶୋକ ମହାନ୍ତି, ଅଲେଖ ନାୟକ, ତ୍ରିଲୋଚନ ଚୌଧୁରୀ, ଖଜାଳ ନାୟକ ପରିଚାଳନା କରିଥିଲେ। ସେହିପରି ମାଥାଲପୁଟ ଶ୍ରୀ ରାଧାକୃଷ୍ଣ ମନ୍ଦିର ଠାକୁରଙ୍କୁ ମଧ ନଗର ପରିକ୍ରମା କରାଯାଇଛି। ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତା ପୂଜା କାର୍ଯ୍ୟ କରିଥିଲେ।





ଫଗୁ ଦଶମୀ ଅବସରରେ କୋରାପୁଟ ଜିଲା ବୈପାରିଗୁଡ଼ାଠାରେ ଦୁରୁଆ ଜନଜାତି ଲୋକେ ପାରମ୍ପରିକ ଦଣ୍ଡାହଲିଆ ନୃତ୍ୟ କରୁଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୫ ଆହତ

**ପାପଡାହାଣ୍ଡି/ ମଇଦଲପୁର, ୨୪।୩(ଡି.ଏନ୍.ଏ.)**



ଜଣେ ଆହତଙ୍କ ଚିକିତ୍ସା କରାଯାଉଛି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସୀମାନ୍ତ ସାନବାର୍ଲିରୁ ଝରିଗାଁ ରାସ୍ତାର ନୂଆଗୁଡାରେ ବୁଧବାର ଏକ ପିକ୍‌ଅପ ଭ୍ୟାନ ଓଲଟି ୨୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବଡ଼କଲାର ପଞ୍ଚାୟତ ଗୁଟୁରନାଗଫେଣୀ ଅଞ୍ଚଳରୁ ଦୁଇଟି ପିକ୍‌ଅପ୍‌ରେ ଝରିଗାଁ ବ୍ଲକ କାଦମାଳିକୁ ଭୋଜି ଖାଇବାକୁ ଆସିଥିଲେ। ଫେରିବା ସମୟରେ ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଗାଡି (ଓଡି-୦୮ପି- ୪୨୫୫) ଓଲଟି ପଡିଥିଲା। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ୧୦ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଯକ୍ଷ୍ମାମୁକ୍ତ ଦେଶ ଗଠନରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୋରାପୁଟ,୨୪।୩(ସ୍ୱ.ପ୍ର)**

**ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା**




ସିଡିଏମ୍ଓ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

କୋରାପୁଟ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସିଡିଏମଓ କାର୍ଯ୍ୟାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସିଡିଏମ୍ଓ ମକରନ୍ଦ ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଯକ୍ଷ୍ମାମୁକ୍ତ ରାଷ୍ଟ୍ର ଗଠନ ନେଇ ଲୋକଙ୍କୁ ସଚେତନ କରାଯାଇଛି। ଶୋଭାଯାତ୍ରା ସିଡିଏମ୍ଓ ଅଫିସ ପହଞ୍ଚିବା ପରେ ବୈଠକ କରାଯାଇଥିଲା। ଯକ୍ଷ୍ମାମୁକ୍ତ ବିଶ୍ୱ ଗଠନରେ ଯୁବବର୍ଗଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିଏମ୍ଓ କହିଛନ୍ତି। ୨୦୨୦-୨୧ ବର୍ଷରେ ଜିଲାରୁ ୨୪୯୪ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ କରାଯାଇ ସେମାନଙ୍କୁ ଉଚ୍ଚ ପଦ୍ଧତିରେ ଚିକିତ୍ସା କରାଯାଉଛି। ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରାଯିବା ଆଶା ରହିଛି ବୋଲି ସିଡିଏମ୍ଓ କହିଛନ୍ତି। ଏହି ଅବସରରେ ଏଡିଏମ୍ଓ ନୀଳମାଧବ ଶତପଥୀ, ଡାକ୍ତର ଅରୁଣ କୁମାର ପାଢି ଯୋଗଦେଇ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ସଂଯୋଜକ ଶୁଭକାନ୍ତ ଗନ୍ତାୟତଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସ୍ୱାସ୍ଥ୍ୟ ସେବା ସମିତି ଅଧିକାରୀ ପରିଚାଳନା କରିଥିଲେ।

## ଗୁଣପୁର ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା

ଗୁଣପୁର,(ଡି.ଏନ୍.ଏ.): ଗୁଣପୁର ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ କଷ୍ଣ ପ୍ରସାଦ ବେବର୍ତ୍ତା ମୁଖ୍ୟ ଅତିଥି, ଏଆରସିଏସ୍ ଅଫିସର ଏଆରଆର୍ ଥିଓପିଲ୍ ଶବର, ପୂର୍ବତନ ଲ୍ୟାମ୍ପସ ସଭାପତି ଗୌରି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ବ୍ଲକ୍ ଅଧକ୍ଷ ବାଳା ଗମାଙ୍ଗ, ଦେବେନ୍ଦ୍ର ଚୌଧୁରୀ, କେସିସି ବ୍ୟାଙ୍କର ଶାଖା ପରିଚାଳକ ହରିଶ୍ଚନ୍ଦ୍ର ବାନାଗାଡ଼ି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ୨୦୧୯-୨୦ ଆର୍ଥିକ ବର୍ଷର ସମସ୍ତ ବ୍ୟୟ ମଞ୍ଜୁରି ଅନୁମୋଦନ ସହ ୨୦୨୦-୨୧ ପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ ହୋଇଥିଲା। ପୂର୍ବତନ ନିର୍ଦ୍ଦେଶକ ଗୌରି ଦାସଙ୍କ ସମେତ ସରପଞ୍ଚ, ଚାଷୀ, ଲ୍ୟାମ୍ପସ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କେବଳ ମାଲକାନଗିରି ସହରରେ କର୍ଫ୍ୟୁ ଲାଗୁ ହେଉ
### ଜିଲାପାଳଙ୍କୁ ଅନୁରୋଧ କଲେ ପୂର୍ବତନ ଉପବାଚସ୍ପତି

**ମାଲକାନଗିରି,୨୪।୩(ଡିଏନଏ):** ମାଲକାନଗିରି ଜିଲାର ଗଣପର୍ବ ବଡ଼ଯାତ୍ରା ଆରମ୍ଭ ହୋଇଛି। ଜନଗହଳି ସମ୍ଭାବନାକୁ ଦୃଷ୍ଟିରେ ରଖି ଜଲା ପ୍ରଶାସନ ପକ୍ଷରୁ ୨୩ରୁ ୩୧ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହୋଇଛି। ତେବେ ଏହି ନିୟମ କେବଳ ମାଲକାନଗିରି ସହରରେ ବଳବତ୍ତର ରଖି ଜିଲାର ଅନ୍ୟ ଅଞ୍ଚଳରୁ ହଟାଇବାକୁ ପୂର୍ବତନ ଉପ ବାଚସ୍ପତି ପ୍ରହ୍ଲାଦ ଦୋରା ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ବଡ଼ଯାତ୍ରା ସମୟରେ ମାଲକାନଗିରି ସହର ବ୍ୟତୀତ ଜିଲାର ଅନ୍ୟ କୌଣସି ସ୍ଥାନରେ ଶୋଭାଯାତ୍ରା, ନାଟକ ମଞ୍ଚସ୍ଥ ହୋଇ ନ ଥାଏ। ସେହିପରି କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆନ୍ତଃରାଜ୍ୟ ଓ ଆନ୍ତଃଜିଲା କ୍ଷେତ୍ରରେ କୌଣସି ବ୍ୟକ୍ତି କିମ୍ବା ସାମଗ୍ରୀ ପାଇଁ କୌଣସି କଟକଣା ଜାରି କରାଯାଇନାହିଁ। ତେଣୁ ଜିଲାବାସୀଙ୍କ ସ୍ୱାର୍ଥ ତଥା ଜୀବନ ଜୀବିକା ଦୃଷ୍ଟିରୁ ଏ ନେଇ ବିଚାର କରିବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ଚିତ୍ରକୋଣ୍ଡା ସ୍କୁଲକୁ ପୋଷ୍ୟ ନେଲେ ଆଇପିଏସ୍ ଅଧିକାରୀ

**ଚିତ୍ରକୋଣ୍ଡା,୨୪।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଗ୍ରହଣ କରିଛନ୍ତି ସ୍କୁଲର ପୂର୍ବତନ ଛାତ୍ର ତଥା ପୋଲିସ ଗୃହ ନିର୍ମାଣ ବିଭାଗର ଡିଜି ସୁଧାଂଶୁ ଷଡଙ୍ଗୀ। ଏହି ଖବର ଜଣାପଡ଼ିବା ପରେ ଚିତ୍ରକୋଣ୍ଡା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଲଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସ୍କୁଲର ପୂର୍ବତନ ଛାତ୍ର ସଙ୍ଗଠନର ସଭାପତି ଦେବେନ୍ଦ୍ର ଦାସଙ୍କ ସମେତ ସମସ୍ତ ପୂର୍ବତନ ଛାତ୍ରୀଛାତ୍ର ମଧ ଏଥିରେ ଖୁସି ପ୍ରକାଶ କରିଛନ୍ତି। ସ୍କୁଲର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଏହା ନିଶ୍ଚିତ ସହାୟକ ହେବ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି। ଏହା ପୂର୍ବରୁ ମାଲକାନଗିରିର ପୂର୍ବତନ ଜିଲାପାଳ ଆର୍. ଭିନିଲ୍ କ୍ରିଷ୍ଣା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ା ଆଶ୍ରମ ହାଇସ୍କୁଲକୁ ପୋଷ୍ୟ ଗ୍ରହଣ କରିବାକୁ ନିଜର ସହମତି ଜଣାଇଥିଲେ।

### ନଳିନୀ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ବିଷମକଟକ,୨୪।୩:** ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ବାରିଗୁଡ଼ାଠାରେ ସ୍ନେହ ସଂସ୍ଥା ଦ୍ୱାରା ପରିଚାଳିତ ନଳିନୀ ବିଦ୍ୟାମନ୍ଦିରର ଛାତ୍ରୀମାନେ ପରିବେଶ ସଂରକ୍ଷଣ ସଚେତନତା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଛନ୍ତି। ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତାରେ ଭାଗନେଇ ଛାତ୍ରୀମାନେ ପୁରସ୍କୃତ ହୋଇଛନ୍ତି। ସେଲଫି ପ୍ରତିଯୋଗିତାରେ ନବମ ଶ୍ରେଣୀ ଛାତ୍ରୀ କଳ୍ପନା କିଲାକା ପ୍ରଥମ, ସଙ୍ଗୀତା ହୁଇକା ଦ୍ୱିତୀୟ ଓ ଶୁଶିଳା ମାମ୍ଧାଲାକା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନନ୍ଦିନି କାଡ୍ରାକା ସ୍ୱାନ୍ତନାମୂଳକ ପୁରସ୍କାର ପାଇଛନ୍ତି। ସ୍ଲୋଗାନ ପ୍ରତିଯୋଗିତାରେ ଶୁଶିଳା ମାମ୍ଧାଲାକା ତୃତୀୟ ଅଧିକାର କରିଥିବାବେଳେ ସାବିତ୍ରୀ ସାରକା, କଳ୍ପନା କିଲାକା, ଜାନକୀ ହିକ୍‌କା ସ୍ୱାନ୍ତନା ମୂଳକ ପୁରସ୍କାର ପାଇଛନ୍ତି । ଚିତ୍ରାଙ୍କନ ପ୍ରତିଯୋଗିତାରେ ସେମନ୍ତି ଗୁଡନାକା, ଜାନକୀ ହିକ୍‌କା ଓ ସଙ୍ଗୀତା ହୁଇକା ସ୍ୱାନ୍ତନା ମୂଳକ ପୁରସ୍କାର ପାଇଛନ୍ତି। ସେହିପରି ପ୍ରବନ୍ଧ ପ୍ରତିଯୋଗିତରେ ସରୋଜିନି ନାୟକ, କବିତା ପ୍ରତିଯୋଗିତାରେ ସବନ୍ତି ପିଡିକାକା ଏବଂ ରୀତା ନୁଣ୍ଡୁକା ସ୍ୱାନ୍ତନାମୂଳକ ପୁରସ୍କାର ପାଇଛନ୍ତି। ଛାତ୍ରୀମାନଙ୍କ ସଫଳତା ପାଇଁ ସ୍ନେହ ସଂସ୍ଥାର ସଭାପତି ସୁବର୍ଣ୍ଣା ଘୋଷଙ୍କ ସମେତ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷୟତ୍ରୀ ଏବଂ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଦୁର୍ଘଟଣାରେ ଚାଳକ ଆହତ

**ଟିକିରି, ୨୪।୩(ଡି.ଏନ୍.ଏ.):** କାଶୀପୁର ବ୍ଲକ ଟିକିରି ଥାନା ଅଧୀନ କାଳିଆପଡା ନିକଟରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟି ଜଣେ ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ରଶ୍ମୀରଞ୍ଜନ। ସୂଚନା ଅନୁଯାୟୀ ସର୍ଗିଗୁଡ଼ା ଗ୍ରାମର ବିଷ୍ଣୁ ଦାଶ ଏକ କାର୍(ଓଡି-୦୨ଏଲ୍-୯୨୫୮) ମଙ୍ଗଳବାର କିଣିଥିଲେ। ବୁଧବାର ରଶ୍ମୀ ଏହାକୁ ଚଲାଇବାବେଳେ ସର୍ଗିଗୁଡ଼ା ଜିଏନ୍‌ଏଫ୍‌ଏ ସ୍କୁଲ ନିକଟ ବୁଲାଣୀରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା।

# ଯକ୍ଷ୍ମା ଆଉ ଦୁରାରୋଗ୍ୟ ବ୍ୟାଧି ହୋଇନାହିଁ

କୁଡୁମୁଲୁଗୁମ୍ମା, ୨୪।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରଜନୀକାନ୍ତ ଦାସ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ସାମିଲ ହୋଇ ବିଭିନ୍ନ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ।

ସେହିପରି ସାସ୍ଥକେନ୍ଦ୍ର ସଭା ଗୃହରେ ଯକ୍ଷ୍ମା ରୋଗ ଓ ଏହାର ନିରାକରଣ ନେଇ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଡା. ରଜନୀକାନ୍ତ ଦାସ, ସତିଶ ମଣ୍ଡଳ, ବିପିଏମ୍ ହର ପ୍ରସାଦ ତାରିଣୀ, ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି, ଏସ୍‌ଟିଏସ୍ ରଞ୍ଜନ କୁମାର ନାୟକ, ଲ୍ୟାବ୍ ଟେକନିସିଆନ ପଦ୍ମ ଚରଣ ପଣ୍ଡା ଓ ଜ୍ଞାନ ରଞ୍ଜନ ଲେଙ୍କା, ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏକବିଂଶ ଶତାବ୍ଦୀରେ ଚିକିତ୍ସା ବିଜ୍ଞାନରେ ବହୁ ଅଗ୍ରଗତି ଘଟିଛି। ତେଣୁ ଯକ୍ଷ୍ମା ରୋଗରେ ମୃତ୍ୟୁ ସଂଖ୍ୟା ବହୁ ପରିମାଣରେ କମିଛି। ଏହି ରୋଗ ଏବେ ଦୁରାରୋଗ୍ୟ ହୋଇ ନାହିଁ। ଠିକ୍ ସମୟରେ ଚିକିତ୍ସା କରାଇ ଔଷଧ ଖାଇଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ ବୋଲି ଏଠାରେ ଆଲୋଚନା କରାଯାଇଥିଲା। ଏହି ମାନବଧର୍ମୀ ସଚେତନତା ଅଭିଯାନରେ ନିୟୋଜିତ ସମସ୍ତ ଆଶାକର୍ମୀଙ୍କୁ ପ୍ରଶଂସା କରାଯିବା ସହ ସେମାନଙ୍କ ଅତୁଳନୀୟ ଅବଦାନ ପାଇଁ ସମସ୍ତେ ଗର୍ବିତ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ କହିଥିଲେ।



ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

**ବିଶ୍ୱ ଯକ୍ଷ୍ମା ଦିବସ**
- ଠିକ୍ ସମୟରେ ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ

# ୨ ଗ୍ରାମବାସୀଙ୍କୁ ନିର୍ଯାତନା ଦେଉଛି ପୋଲିସ
## ମାଓବାଦୀ ନେତା କୈଳାସମ୍‌ଙ୍କ ଅଡିଓ ଟେପ୍ ଜାରି

ମାଲକାନଗିରି,୨୪।୩(ଡି.ଏନ୍.ଏ.)

ମାଲକାନଗିରି ପୋଲିସ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଆନ୍ଧ୍ର-ଓଡ଼ିଶା ବୋର୍ଡର ଡିଭିଜନର ସଚିବ ତଥା ମାଓବାଦୀ ନେତା କୈଳାସମ୍। ପୋଲିସ କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳର ୨ଗ୍ରାମବାସୀଙ୍କୁ ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ମାଡ଼କାପଦର ଅଞ୍ଚଳରୁ ଗିରଫ କରିଥିଲା। ହେଲେ ଦୀର୍ଘଦିନ ହେଲା ସେମାନଙ୍କୁ ଲୁଚାଇ ରଖି ନିର୍ଯାତନା ଦିଆଯାଉଛି ବୋଲି ସେ ଏକ ଅଡିଓ ଟେପ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏଥିସହ ଶୀଘ୍ର ଗିରଫକରି ଦୁଇ ଗ୍ରାମବାସୀଙ୍କୁ କୋର୍ଟରେ ହାଜର କରାଯାଉ ବୋଲି କୈଳାସମ୍ ଦାବି କରିଛନ୍ତି। ଅଡିଓ ଟେପ୍‌ରେ ଗିରଫ ଦୁଇ ଗ୍ରାମବାସୀଙ୍କ ନାମ ମାଇନୁ ବେଟି ଏବଂ ରାମା ହାଁସଦା ବୋଲି କୁହାଯାଇଛି। ଉଭୟଙ୍କୁ ମାଓବାଦୀ ବୋଲି ଦର୍ଶାଇ ଗିରଫ କରିଛି। ମାଲକାନଗିରି ପୋଲିସର ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲା ସୀମାନ୍ତ ଅଞ୍ଚଳରେ ଏବେବି ମାଓବାଦୀଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି। ସ୍ୱାଭିମାନ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବଢ଼ିବା ପରେ ମାଓବାଦୀମାନେ ଅନ୍ୟ ଅଞ୍ଚଳକୁ ଚାଲିଯାଉଛନ୍ତି। ତେବେ ସ୍ୱାଭିମାନ ଅଞ୍ଚଳରେ ଏବେ ମଧ କୈଳାସମ୍ ଏବଂ କ୍ରିଷ୍ଣା ନିଜର ଉପସ୍ଥିତି ଜାହିର କରୁଛନ୍ତି। ଅନ୍ୟପକ୍ଷରେ ଅଡିଓ ଟେପ୍ ମାଧ୍ୟମରେ ହୋଇଥିବା ଅଭିଯୋଗ ବିଷୟରେ ପୋଲିସ କୌଣସି ପ୍ରତିକ୍ରିୟା ଦେଇନାହିଁ।

# ଅନ୍ୟ ରାଜ୍ୟରୁ ଆସିଲେ ଗୃହ ସଙ୍ଗରୋଧ ବାଧ୍ୟ
## ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି

ମାଲକାନଗିରି,୨୪।୩(ଡି.ଏନ୍.ଏ.)

ବାହାର ରାଜ୍ୟରୁ ମାଲକାନଗିରି ଜିଲାକୁ ଆସୁଥିବା ବ୍ୟକ୍ତି ବାଧ୍ୟତାମୂଳକଭାବେ ଗୃହ ସଙ୍ଗରୋଧରେ ରହିବେ। ଏହା ବୁଧବାରଠାରୁ ଲାଗୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅନ୍ୟ ରାଜ୍ୟରୁ ଆସିଲେ ୭ ଦିନ ଗୃହ ସଙ୍ଗରୋଧରେ ରହିବାକୁ ଜିଲାପାଳ ୱାଇ. ବିଜୟ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ବଡ଼ଯାତ୍ରା ଆରମ୍ଭ ହୋଇଥିବାରୁ ରାଜ୍ୟ ବାହାରୁ ଅନେକ ଶ୍ରଦ୍ଧାଳୁ ଆସିବା ସମ୍ଭାବନା ରହିଛି। ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ଜିଲାରେ ସଂକ୍ରମଣ ଏଡ଼ାଇବାକୁ ଯାଇ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ବଡ଼ଯାତ୍ରାକୁ ନଜରରେ ରଖି ଏଥିପୂର୍ବରୁ ୨୩ରୁ ୩୧ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଛି।

# ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ
## ମାନସିକ ଚାପରେ ଥିବା କହିଲେ ପରିବାର ଲୋକ

ପଡ଼ିଆ,୨୪।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍ ଏମ୍‌ଭି ୭୯ ଥାନା ଅଧୀନ ଏମ୍‌ପିଭି ୭୦ ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବିନ୍ଦ୍ର ସାନା(୪୩)ଙ୍କ ଝୁଲନ୍ତା ମୃତଦେହ ବୁଧବାର ସିମିଳିବାଞ୍ଚା ମୁଖ୍ୟରାସ୍ତା ନିକଟ ଗଛରୁ ଜବତ ହୋଇଛି। ତେବେ ଦୀର୍ଘ ଦିନ ହେଲା ସେ ମାନସିକ ଚାପ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଖବର ପାଇ ଏମ୍‌ଭି ୭୯ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରବିନ୍ଦ୍ର ଲକ୍‌ଡାଉନ୍ ପୂର୍ବରୁ ତାଙ୍କ ଭାଇଙ୍କ ଶଳାଙ୍କ ପାଇଁ ଏକ କାର୍ କିଣିଥିଲେ। ହେଲେ ନିଜ ନାମରେ ଫାଇନାନ୍ସରେ ଗାଡ଼ି କିଣିଥିଲେ। ହେଲେ ଭାଇଙ୍କ ଶଳା ଫାଇନାନ୍ସ ବାବଦକୁ ଟଙ୍କା ପୈଠ କରି ନ ଥିଲେ। ଏ ନେଇ ଫାଇନାନ୍ସ ଅଫିସରୁ ରବିନ୍ଦ୍ରଙ୍କ ନିକଟକୁ ବାରମ୍ବାର ଫୋନ୍ ଆସୁଥିବାରୁ ସେ ମାନସିକ ଚାପରେ ଥିଲେ। ତେଣୁ ସେ ସେହି ଚିନ୍ତାରେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ରବିନ୍ଦ୍ରଙ୍କ ସ୍ତ୍ରୀ ବ୍ରିନ୍ଦା କହିଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ୨୮/୨୧ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରବିନ୍ଦ୍ର ଜଣେ ଆଦର୍ଶ ଶିକ୍ଷକ ହୋଇଥିବାରୁ ତାଙ୍କ ମୃତ୍ୟୁରେ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ସଭାପତି ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଦୁଃଖ ପକାଶ କରିଛନ୍ତି। ସେହିପରି ବିଇଓ ଚିତ୍ତରଞ୍ଜନ ପାଣ୍ଡେ, ଏବିଇଓ ତଥା ବିଆର୍‌ସିସି ଏସ୍. ସତ୍ୟ ନାରାୟଣ ମଧ ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଚୋରି ବୋଲେରୋ ଜବତ : ୨ଗିରଫ

ବିଷମକଟକ,୨୪।୩

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଚାଟିକଣା ଗ୍ରାମରୁ ଚୋରି ବୋଲେରୋ ଗାଡ଼ିକୁ ପୋଲିସ ଜବତ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମାର୍ଚ୍ଚ ୧୮ ରାତିରେ ଚାଟିକଣା ଗ୍ରାମର ଅଜିତ ସୁନାମୁଦିଙ୍କ ବୋଲେରୋ ଗାଡ଼ି ଘର ପରିସରରୁ ଚୋରି ହୋଇଥିଲା। ଏ ନେଇ ସେ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ବିଷମକଟକ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ କୋରାପୁଟ ଜିଲା ପଟାଙ୍ଗି ଅଞ୍ଚଳରୁ ଚୋରି ବୋଲେରୋ ଜବତ କରିଛି। ସେହିପରି ୨ ସମ୍ପୃକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତ ଗାଡ଼ି ମେକାନିକ୍ ଏବଂ ଚାଳକ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ ତଦନ୍ତ ଜାରି ରହିଥିବା ଏବଂ ଅନ୍ୟ ସମ୍ପୃକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ ସୂଚନା ଦେଇଛି।


ଜବତ ଗାଡ଼ି।

# ସରିଲା କୃଷକ ସାଥୀ ଏବଂ କୃଷି କର୍ମଚାରୀଙ୍କ ତାଲିମ



ବୈଠକରେ ଉପସ୍ଥିତ ଅତିଥିମାନେ।

ମାଲକାନଗିରି,୨୪।୩(ଡି.ଏନ୍.ଏ.)

## ଶିଖିଲେ ଉପଯୁକ୍ତ ଚାଷ ପ୍ରଣାଳୀ

ମାଲକାନଗିରି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଚାଲିଥିବା ୨ ଦିନିଆ କୃଷି କର୍ମଚାରୀ ଓ କୃଷକ ସାଥୀ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ କୌଳାଶ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସମୀର ରଞ୍ଜନ ଦାସ, ନିଗମାନନ୍ଦ ବେହେରା, ଅନୁଜ କୁମାର ରଥ, ତନ୍ମୟ କୁମାର ବେହେରା ଉପସ୍ଥିତ ରହି କୃଷକ ସାଥୀ ଏବଂ କୃଷି କ୍ଷେତ୍ର କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ବିଶେଷ କରି କୃଷି କର୍ମଚାରୀ ଏବଂ କୃଷକ ସାଥୀଙ୍କ କର୍ତ୍ତବ୍ୟ ବିଷୟରେ ତାଲିମ ଦେବା ସହ ଜିଲାର କୃଷକମାନେ କିପରି ରବି ଓ ଖରିଫ ଚାଷର ଉପଯୁକ୍ତ ପ୍ରଣାଳୀ, ମୃତ୍ତିକା ପରୀକ୍ଷା, ବିହନ ବିଶୋଧନ, ଜୈବିକ ଖତ ସାର ପ୍ରସ୍ତୁତି ଏବଂ ପ୍ରୟୋଗ, ରାସାୟନିକ ଓ ଜୈବିକ ଉପାୟରେ କୀଟନାଶକ ସିଞ୍ଚନ, କୃଷି ଯନ୍ତ୍ରପାତିର ବ୍ୟବହାର ଓ ମରାମତି ବିଷୟରେ ଶିକ୍ଷା ଗ୍ରହଣ କରି କୃଷକଙ୍କୁ ଜ୍ଞାନ କୌଶଳ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳସେଚିତ ଓ ଅଣ ଜଳସେଚିତ ଜମିରେ ତୈଳବୀଜ, ଡାଲି ଜାତୀୟ, ଅଦା, ହଳଦୀ ଆଦିର ଚାଷ ପ୍ରଣାଳୀ କୃଷକଙ୍କୁ ତାଲିମ ଦେବା ସହ କ୍ଷେତ୍ର ପରିଦର୍ଶନ କରି କୃଷକଙ୍କ ସମସ୍ୟା ବୁଝି ସମାଧାନ ନେଇ ତାଲିମ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବିଷୟରେ ଆଲୋଚନା କରାଯାଇ ଏହି ଯୋଜନାର ସୁଫଳ କିପରି କୃଷକ ମାନେ ପାଇବେ ସେ ଦିଗରେ କୃଷକ ସାଥୀ ଓ କୃଷି କର୍ମଚାରୀ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ, ସହକାରୀ କୃଷି ଅଧିକାରୀ ମନସ୍ୱିନୀ ମହାପାତ୍ର, ସହକାରୀ କୃଷି ଅଧିକାରୀ ରଶ୍ମିରଞ୍ଜନ ମହାରଣା ଉପସ୍ଥିତ ରହି ବିଭିନ୍ନ କୃଷି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ସହ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। । କୃଷି ଅଧିକାରୀ ସଞ୍ଜୀବ କୁମାର ମହାନ୍ତି ଉକ୍ତ ସମ୍ମିଳନୀକୁ ପରିଚାଳନା କରିଥିବାବେଳେ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

# ସ୍କୁଲ ବିକାଶ, ଗୁଣାତ୍ମକ ଶିକ୍ଷା ବିଷୟରେ ଆଲୋଚନା


ପୂର୍ବତନ ଛାତ୍ରୀଛାତ୍ର ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ରାମନାଗୁଡ଼ା,୨୪।୩(ଡି.ଏନ୍.ଏ.)

## ମୋ ସ୍କୁଲ ଅଭିଯାନ

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମନାଗୁଡ଼ା ବିଡିଓ ବେଣୁଧର ଶବର, ବିଇଓ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୃଜନ ମଲିକ, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ବ୍ଲକ୍ ଉପାଧ୍ୟକ୍ଷ ସୂର୍ଯ୍ୟରାଓ କୁମ୍ବିରିକା, ଶିକ୍ଷୟିତ୍ରୀ ସ୍ମିତାରାଣୀ ଡୁଳ, ସ୍କୁଲ ଉପସଭାପତି ଲଳିତ ମୋହନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍କୁଲଗୁଡ଼ିକର ବିକାଶ ଏବଂ ଗୁଣାତ୍ମକ ଶିକ୍ଷା ବିଷୟରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଉନ୍ନତମାନର ଶ୍ରେଣୀଗୃହ, ଡିଜିଟାଲ ଲାଇବ୍ରେରୀ, ଶ୍ରେଣୀଗୃହ ନିର୍ମାଣ, ଖେଳପଡ଼ିଆ ନିର୍ମାଣ ଦିଗରେ ଆଲୋଚନା ହୋଇଥିଲା। ଏଥିସହ ସ୍କୁଲରେ ପ୍ରଧାନଶିକ୍ଷକ ଏବଂ ଆବଶ୍ୟକ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ରାୟଗଡ଼ା ଜିଲାରେ ଶ୍ରେଷ୍ଠ ବିଦ୍ୟାଳୟ ଛାତ୍ରୀତାଲିକାରେ ରାମନାଗୁଡ଼ା ବିଦ୍ୟାଳୟ ସ୍ଥାନିତ ହୋଇଥିବାବେଳେ ଏ ନେଇ ପୁରାତନ ଛାତ୍ରୀଛାତ୍ରଙ୍କ ଉଦ୍ୟମ ଏବଂ ଆର୍ଥିକ ସାହାଯ୍ୟ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ କର୍ମଚାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନେକ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୨ଦିନରେ ୩୦୭ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚିତ୍ରକୋଣ୍ଡା,୨୪।୩(ଡି.ଏନ୍.ଏ.)

ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ଆନୁକୂଲ୍ୟରେ ମାର୍ଚ୍ଚ ୨୩ରୁ ଏପ୍ରିଲ୍ ୯ ପର୍ଯ୍ୟନ୍ତ ବ୍ଲକ୍‌ର ୭ଟି ସ୍ଥାନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନିମନ୍ତେ ସ୍ଥିର ହୋଇଛି। ଏହି କ୍ରମରେ ପ୍ରଥମ ଶିବିର ମଙ୍ଗଳବାର ପାପୁଲୁର ପେଟାଲଠାରେ ଏବଂ ବୁଧବାର ଦୋରାଗୁଡ଼ା ପଞ୍ଚାୟତ ଆରଏସସି-୬ଠାରେ ଅନୁଷ୍ଠିତ ହୋଇଥିଲା। ଚିତ୍ରକୋଣ୍ଡା ବିଡିଓ ଟି. ପଦ୍ମନାଭ ଦୋରାଙ୍କ ନେତୃତ୍ୱରେ ମାଲକାନଗିରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଦମଣି ଦଳାଇଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ, ପାପୁଲୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସାଗରବାଲା ଓ ହେଡ୍‌କ୍ୱାର୍ଟର ବିଏସ୍‌ଏସ୍‌ଓ ରାଜୀବ ପୂଜାରୀ, ଚିତ୍ରକୋଣ୍ଡା ବିଏସ୍‌ଏସ୍‌ଓ ଅମର ମାଡ଼କାମି, କପାତୁଟି ପିଇଓ ପବିତ୍ର ମୋହନ କାଟରାକା, ନୂଆଗୁଡ଼ା ପିଇଓ ମାଣିକ ହାଂସଦା, ଦୋରାଗୁଡ଼ା ପିଇଓ ରାମେଶ୍ୱର ପୂଜାରୀ ଓ ପାପୁଲୁର ପିଇଓ ପ୍ରସନ କୁମାର ମାଡ଼କାମି ଏଥିରେ ସହଯୋଗ କରିଥିଲେ। ପେଟାଲ ଠାରେ ଅନୁଷ୍ଠିତ ଶିବିରରେ ପାପୁଲୁର, କୁରୁମାନୁର ଓ କପାତୁଟି ପଞ୍ଚାୟତର ୮୭ ଦିବ୍ୟାଙ୍ଗ ଆସି ନାମ ପଞ୍ଜୀକରଣ କରି ପ୍ରମାଣପତ୍ର ପାଇଁ ପରୀକ୍ଷା କରାଯିବା ସହ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେହିପରି ଦୋରାଗୁଡ଼ା ପଞ୍ଚାୟତ ଆର୍‌ଏସସି -୬ଠାରେ ଅନୁଷ୍ଠିତ ଶିବିରରେ ଦୋରାଗୁଡା, ନୂଆଗୁଡ଼ା ଓ ଗୁଣ୍ଡାୱାଡା ପଞ୍ଚାୟତର ୨୨୦ ଦିବ୍ୟାଙ୍ଗ ପହଞ୍ଚି ନାମ ପଞ୍ଜୀକରଣ ଓ ପରୀକ୍ଷା କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ଶିବିରକୁ ଆଣି ପରୀକ୍ଷା କରିବାରେ ଅଙ୍ଗନୱାଡି କର୍ମୀ ଓ ଆଇସିଡିଏ ସୁପରଭାଇଜର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅବଶିଷ୍ଟ ୫ ଶିବିର ମଧ୍ୟରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୪ଟି ସ୍ଥାନରେ ଏବଂ ଚିତ୍ରକୋଣ୍ଡାରେ ଗୋଟିଏ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ୬ ହଳଦୀଗୁଣ୍ଡ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ
## ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳୁଛି ପ୍ରୋତ୍ସାହନ

ଚିତ୍ରକୋଣ୍ଡା,୨୪।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ୫ ପଞ୍ଚାୟତ ପଣସପୁଟ, ଜୋଡ଼ାମ୍ବ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡି ପଞ୍ଚାୟତର ବହୁ ଗ୍ରାମରେ ହେଉଛି ବହୁଳ ପରିମାଣରେ ହଳଦୀଚାଷ। ଉତ୍ପାଦିତ ହଳଦୀ ବିକ୍ରି ଲାଗି ଆବଶ୍ୟକ ବଜାର ବ୍ୟବସ୍ଥା ନ ଥିବାରୁ ଏହାକୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି ଚାଷୀ। ୨୦୨୦ ଅକ୍ଟୋବର ୧୬ରେ ଧରିତ୍ରୀରେ '୫ ପଞ୍ଚାୟତକୁ ସଶକ୍ତ କରୁଛି ହଳଦୀଚାଷ' ଖବର ପ୍ରକାଶିତ ହେବା ପରେ ମାଲକାନଗିରି ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ସ୍ୱାଭିମାନ ଅଞ୍ଚଳରେ ମହିଳାଙ୍କ ବିକାଶ ପାଇଁ ଉନ୍ନତମାନର ହଳଦୀଗୁଣ୍ଡ ଉତ୍ପାଦନ କେନ୍ଦ୍ର ଖୋଲିବାକୁ ଚିନ୍ତା କରିଥିଲା। ଯେଉଁ କେନ୍ଦ୍ରରେ ମହିଳା ହଳଦୀଚାଷୀଙ୍କ ଉତ୍ପାଦିତ ହଳଦୀକୁ ଗୁଣ୍ଡ କରାଯାଇ ବାହାର ମାର୍କେଟରେ ବିକ୍ରିକରି ସେମାନଙ୍କ ଆର୍ଥିକ ଉନ୍ନତି କରାଯିବ। ଏବେ ଏହି କାର୍ଯ୍ୟ ସାକାର ହୋଇଛି। ଜିଲାପାଳ ୱାଇ. ବିଜୟଙ୍କ ତତ୍ତ୍ୱାବଧାନରେ ସିଡିପିଓ ଗୀତାଞ୍ଜଳି ମହାରଣା ଓ ବିଡିଓ ଟି. ପଦ୍ମନାଭ ଦୋରାଙ୍କ ଉଦ୍ୟମରେ ପଣସପୁଟ ପଞ୍ଚାୟତ ଗୋରାସେତୁ ଗ୍ରାମର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାଉଲୀ, ମା'ତାରିଣୀ ଓ ମା' ନିଶାନୀ ମୁଣ୍ଡା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ହଳଦୀଗୁଣ୍ଡ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପ୍ରତି ଗୋଷ୍ଠୀକୁ ହଳଦୀଗୁଣ୍ଡ ହଲର ମେଶିନ, ଗୋଟିଏ ଓଜନଯନ୍ତ୍ର ଓ ଗୋଟିଏ ପ୍ୟାକେଟ ଷ୍ଟିଚିଂ ମେଶିନ ପ୍ରଦାନ କରାଯାଇଛି। ସେଇଭଳି ପଣସପୁଟ ପଞ୍ଚାୟତ ହାଣ୍ଡିଖାଲ ଗ୍ରାମରେ ମଧ ୩ଟି ଗୋଷ୍ଠୀକୁ ଉପରୋକ୍ତ ସାମଗ୍ରୀ ପ୍ରଦାନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର କୁମାର ଭୂୟାଁ, ଆଇସିଡିଏସ୍ ସୁପରଭାଇଜର ଚମ୍ପା ନାୟକ ଓ ବିଇଓ ଗାୟତ୍ରୀ ଦେବୀ ଉପସ୍ଥିତ ଥିଲେ। ପଣସପୁଟ ପଞ୍ଚାୟତର ମହିଳା ହଳଦୀଚାଷୀ ଅଲଙ୍କା ସେଠୀ (୪୮) କୁହନ୍ତି, ସେ ନିଜ ଜମିରେ ପ୍ରତିବର୍ଷ ଅଧା ଏକରରୁ ୧ଏକର ପର୍ଯ୍ୟନ୍ତ ଜମିରେ ହଳଦୀଚାଷ କରିଥାନ୍ତି। ଗୋଟିଏ ଜମିରୁ ଦୁଇ ବର୍ଷରେ ଥରେ ହଳଦୀ ଅମଳ ହୁଏ। ଏହାକୁ ନିଜେ ସଫାକରି, ଗରମପାଣିରେ ସିଝାଇ, ସିଝା ହଳଦୀକୁ ଭଲ ଭାବରେ ଶୁଖାଇ ବିକ୍ରି ପାଇଁ ପ୍ରସ୍ତୁତ କରିଥାନ୍ତି। ପ୍ରତିବର୍ଷ ୪ରୁ ୭ କୁଇଣ୍ଟାଲ ପର୍ଯ୍ୟନ୍ତ ହଳଦୀ ଅମଳ ହୋଇଥାଏ। କେଜି ପ୍ରତି ୭୦ ଟଙ୍କା ମୂଲ୍ୟରେ ସେ ସୀମାନ୍ତ ମୁଚିମପୁଟ ଓ ଜଲାପୁଟର ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ଏଥିରୁ ବାର୍ଷିକ ୩୦/୪୦ ହଜାର ଟଙ୍କା ମିଳିଥାଏ ବୋଲି ଅଲଙ୍କା କୁହନ୍ତି। ସରକାର ହଳଦୀମଣ୍ଡି ବସାଇ ବିକ୍ରି ବ୍ୟବସ୍ଥା କଲେ ସ୍ୱାଭିମାନ ଅଞ୍ଚଳରେ ଆହୁରି ଅଧିକ ସଂଖ୍ୟକ ଚାଷୀ ହଳଦୀଚାଷ ପାଇଁ ଆକୃଷ୍ଟ ହୁଅନ୍ତେ ବୋଲି ମତ ପ୍ରକାଶ ପାଉଛି। ସୂଚନାଯୋଗ୍ୟ, ସ୍ୱାଭିମାନ ଅଞ୍ଚଳର ଜୋଡ଼ାମ୍ବ, ପଣସପୁଟ, ଅଣ୍ଡିରାପାଲି ଓ ଯନ୍ତ୍ରୀ ପଞ୍ଚାୟତରେ ଅଧିକ ପରିମାଣରେ ହଳଦୀ ଚାଷ ହେଉଛି। ଚଳିତ ବର୍ଷ ଉକ୍ତ ଅଞ୍ଚଳର ୧୧୦୮ ଜଣ ଚାଷୀ ୮୫୩ ଏକର ଜମିରେ ହଳଦୀଚାଷ କରିଛନ୍ତି।



